# Akashvani, Sambalpur

## SAMBALPURI NEWS EVENING BULLETIN

## 29 March 2024- 7.02 pm- 7.12 pm.

*********************************************

୧- ନିର୍ବାଚନ୍ ଆୟୋଗଙ୍କର୍ ସି-ଭିଜିଲ୍ ଆପ୍ ଜରିଏ ଅଣାଅଣୀ ହଜାର୍‌ନୁ ଅଏତ୍‌କା ଅଭିଯୋଗ୍‌ର ହେଇଛେ ସମାଧାନ୍ ।

୨- ବଲାଙ୍ଗିର୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୩- ହୀରାକୁଦ୍ ନ ଝାଡ଼ାବାନ୍ତିଥି କାହାରିର୍ ମୃତ୍ୟୁ ନାଇଁ ହେଇ- ସ୍ପଷ୍ଟ କଲା ଜିଲ୍ଲା ପ୍ରଶାସନ୍ ।

୪- ପ୍ରଭୁ ଯୀଶୀଖ୍ରୀଷ୍ଟଙ୍କର୍ ବଳିଦାନ୍‌କେ ସୁର୍‌ତା କରିକରି ଖ୍ରୀଷ୍ଟ ସମ୍ପ୍ରଦାୟର୍ ଲୁକେ ପାଲନ୍ କରୁଛନ୍ ଗୁଡ୍ ଫ୍ରାଇଡ଼େ ।

ଆଉର୍

୫- ଇବଛର୍ ପହେଲା ଥର୍ ଲାଗି ଆଏଜ୍ ରାଜ୍ୟର୍ ତାପମାତ୍ରା ପୁହୁଁଚିଲା ୪୦ ଡିଗ୍ରୀ ।

## ସି-ଭିଜିଲ୍ ଆପ ପି.ଆଇ.ବି.

ନିର୍ବାଚନ୍ ଆୟୋଗଙ୍କର୍ ସି-ଭିଜିଲ୍ ଆପ୍ ଲୁକ୍କର୍ ଲାଗି ନିର୍ବାଚନ୍ ଆଚରଣ୍ ବିଧିର ଉଲ୍ଲଂଘନ୍‌କେ ଚିହ୍ନଟ୍ କର୍‌ବାର୍ ଲାଗି ଗୁଟେ ପ୍ରଭାବୀ ମାଧ୍ୟମ୍ ହେଇପାରିଛେ । ସାଧାରଣ୍ ନିର୍ବାଚନ୍ ୨୦୨୪ର ଘୋଷ୍ନା ଉତ୍‌ରୁ ଆଏଜ୍‌ତକ୍ ୭୯ ହଜାର୍ ନୁ ଅଏତ୍‌କା ଅଭିଯୋଗ୍ ମିଲିଛେ । ସେ ଭିତ୍‌ରୁ ୯୯ ପ୍ରତିଶତ୍ ନୁ ଅଏତ୍‌କା ଅଭିଯୋଗ୍‌ର ସମାଧାନ୍ ହେଇଛେ । ସେମାନ୍‌କର୍ ଭିତ୍‌ରୁ ପାଖାପାଖି ୮୯ ପ୍ରତିଶତ୍ ଅଭିଯୋଗ୍‌ର ସମାଧାନ୍ ଶହେ ମିନିଟ୍ ଭିତ୍‌ରେ କରାଯାଇଛେ । ଗତି ଆଉ ପାରଦର୍ଶିତା ସି-ଭିଜିଲ୍ ଆପ୍‌ର ଆଧାର୍‌ଶୀଲା ଆଏ ।

## ଦୂର୍‌ସଂଚାର୍ ବିଭାଗ-ମାର୍ଗଦର୍ଶିକା ପି.ଆଇ.ବି.

ଦୂରସଂଚାର୍ ବିଭାଗ୍‌ର ନାଁ ନେଇକରି ଲୋକ୍‌ମାନ୍‌କୁ ମୋବାଇଲ୍ ନମ୍ବର୍ ବନ୍ଦ୍ କର୍‌ବାର୍ ଲାଗି ଧମକ୍ ଦେଉଥିବାର୍ କଲ୍ କେନ୍ଦ୍ର ସର୍‌କାର୍ ବାବ୍‌ଦେ ମାର୍ଗଦର୍ଶିକା ଜାରି କରିଛନ୍ । ସାଇବର୍ ଅପରାଧୀମାନେ ହ୍ୱାଟ୍‌ସ୍‌ଅପ୍ କଲ୍ କରିକରି ଲୋକ୍‌ମାନ୍‌କର୍ ବ୍ୟକ୍ତିଗତ ତଥ୍ୟ ଚୁରେଇକରି ଠକ୍‌ବାର୍‌କେ ଚେଷ୍ଟା କରିଥିସନ୍ । ଦୂରସଂଚାର୍ ବିଭାଗ୍ ନିଜର୍ ତର୍‌ଫୁ

କାହାକେ ଏନ୍ତା କଲ୍ କର୍‌ବାର୍ ଅଧିକାର୍ ନାଇଁ ଦେଇ ଆର୍ ଲୋକ୍‌ମାନ୍‌କୁ ଇଥିର୍‌ଲାଗି ସତର୍କ ରହେବାର୍‌କେ ପରାମର୍ଶ ଦିଆଯାଇଛେ । ଏନ୍ତା କଲ୍ ପାଏବାର୍ ଉତାରୁ କେନ୍‌ସି ସୂଚନା ନାଇଁ ଦେବାର୍‌କେ ଦୂରସଂଚାର୍ ବିଭାଗ୍ ଲୋକ୍‌ମାନ୍‌କୁ ସତର୍କ କରେଇଛେ । ଏନ୍ତା ଠକେଇ ବାବ୍‌ଦେ ସଂଚାର୍ ସାଥୀ ପୋର୍ଟାଲ୍ www.sancharsaathi.gov.in ର ଚକ୍ଷୁ ସନ୍ଧିଗ୍ଧ - ଠକେଇ ଯୋଗାଯୋଗ ବାବ୍‌ଦେ ରିପୋର୍ଟ କେନ୍ଦ୍ର ନ ଅଭିଯୋଗ୍ ଦାଖଲ୍ କର୍‌ବାର୍ ଲାଗି ଦୂର୍‌ସଂଚାର୍ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ସାଧାରଣ୍ ନିର୍ବାଚନ୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ଗସ୍ତ୍‌ଥି ଆସିକରି ବଲାଙ୍ଗିର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାର୍ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ । ବଲାଙ୍ଗିର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ମତଦାନ୍ କେନ୍ଦ୍ର ମାନ୍‌କେ ପିଇବାର୍ ପାଏନ୍, ବିଜ୍‌ଲି, ଦିବ୍ୟାଙ୍ଗ ମାନ୍‌କର୍ ଲାଗି ରେମ୍ପ୍, ଶୌଚାଳୟ, ଛଏଁରା ବ୍ୟବସ୍ଥା ଉପ୍‌ରେ ଜୋର୍ ଦେବାର୍‌କେ ଅଧିକାରୀମାନ୍‌କୁ ସେ ପରାମର୍ଶ

ଦେଇଥିଲେ । ପିଙ୍କ୍‌ବୁଥ୍, ହୋମ୍ ଭୋଟିଂ, ବେଲଟ୍ ପେପର୍, ଭୋଟ୍ ହାର ବଢ଼ାବାର୍ ଆର୍ ନୂଆଁ ଭୋଟର୍‌ମାନ୍‌କୁ ସଚେତନ୍ କର୍‌ବାର୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଶ୍ରୀ ଧଳ କହିଥିଲେ । ସି-ଭିଜିଲ୍ ଆପ୍ ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ବିବରଣୀ ଟିମ୍ ମାନ୍‌କର୍ କାର୍ଯ୍ୟପଦ୍ଧତି ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଥିଲା । ସମ୍ବେଦନ୍‌ଶୀଲ୍ ବୁଥ୍ ଆଉ ନକ୍ସଲ୍ ପ୍ରବଣ ଇଲାକା ନ ଚେକ୍‌ପୋଷ୍ଟ, ପୁଲିସ୍ ପେଟ୍ରୋଲିଂ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ଭିଲ୍ ପରାମର୍ଶ ଦିଆଯାଇଥିଲା । ନିର୍ବାଚନ୍‌କେ ଅବାଧ, ମୁକ୍ତ ଆଉ ଶାନ୍ତିପୂର୍ଣ୍ଣ କର୍‌ବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ ନିର୍ଦ୍ଦେଶ୍ ଦେଇଥିଲେ ।  ଇ ସମୀକ୍ଷା ବୈଠକ୍‌ଥି ଉତରାଂଚଲ୍ ରାଜସ୍ୱ କମିଶନର୍ ଶ୍ରୀକାନ୍ତ ପୃଷ୍ଟି, ଉତରାଂଚଲ୍ ଆଇ.ଜି. ହିମାଂଶୁ ଲାଲ୍, ବଲାଙ୍ଗିର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାପାଳ୍ ଆର୍ ଏସ୍.ପି.ଙ୍କର୍ ସହେତେ ପ୍ରଶାସନିକ ଆଉ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନିର୍ବାଚନ୍ ମଣ୍ଡଲୀ- ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଚାଲିଛେ । ନିର୍ବାଚନ୍

କାମ୍‌ଥି ନିୟୋଜିତ୍ ହେଇଥିବା କର୍ମଚାରୀମାନ୍‌କୁ ଭିନ୍ ଭିନ୍ ଖେପେ ତାଲିମ୍ ଦିଆଯାଉଛେ ।

ଆମର୍ ନୂଆପଡ଼ା ସମ୍ବାଦଦାତା ତପନ୍ ଦାସ ଇ ବାବ୍‌ଦେ ସୂଚନା ଦେଇକରି କହିଛନ୍...

(ଭଏସ୍ ଓଭର୍- ତପନ୍ ଦାସ)

ଇ ନିର୍ବାଚନ୍‌ଥି ଜିଲ୍ଲା ନ ବରିଷ୍ଠ ନାଗରିକ ଭୋଟର୍ ମାନ୍‌କର୍ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଇ ବାବ୍‌ଦେ ଜିଲ୍ଲାପାଳ୍ ହେମକାନ୍ତ ସାଏ କହିଛନ୍ ...

(ଭଏସ୍ ଓଭର୍- ଜିଲ୍ଲାପାଳ୍)

ହୀରାକୁଦ୍- ଝାଡ଼ାବାନ୍ତି ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ହୀରାକୁଦ୍ ନ ଝାଡ଼ାବାନ୍ତିଥି କାହାରିର୍ ମୃତ୍ୟୁ ନାଇଁ ହେଇ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସ୍ପଷ୍ଟ କରାଯାଇଛେ । ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ଇ ବାବ୍‌ଦେ ଗୁଟେ ପ୍ରେସ୍ ଇସ୍ତାହାର୍‌ଥି କହିଛନ୍ ଯେ, ହୀରାକୁଦ୍ ଇଲାକା ନ ଗଲା କେତେ ଦିନ୍ ହେଲା ଲୋକ୍‌ମାନେ ଗେଷ୍ଟ୍ରୋଏଂଟେରାଇଟିସ୍ ରୋଗଥି ପଡ଼ିଛନ୍ । ଚିହ୍ନଟ୍ ହେଇଥିବା ଆକ୍ରାନ୍ତଙ୍କର୍ ଭିତ୍‌ରେ କେହି ଗୁରୁତର୍

ନାଇଁନ । ଝାଡ଼ାବାନ୍ତିର୍ ମୁକାବିଲା କର୍‌ବାର୍ ଲାଗି ହୀରାକୁଦ୍ ସ୍ୱାସ୍ଥ୍ୟକେନ୍ଦ୍ର ନ ରେପିଡ୍ ରେସ୍‌ପନ୍ସ ଟିମ୍-ଆର୍‌ଆର୍‌ଟି ମୁତୟନ ହେଇଛନ୍ । ପ୍ରଭାବିତ ଇଲାକା ନ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ରଖାଯାଇଥିବାର୍ ବେଲେ ଯୁଦ୍ଧକାଲୀନ ଭିତିଥି ପାଇପ୍ ଲିକେଜ୍ ମରାମତି କରାଯାଉଛେ । ଫି ଦିନ ପଏନ୍‌ର ସୁପର୍ କ୍ଲୋରିନେସନ୍ କରାଯିବାର୍ ସହେତେ କ୍ଲୋରିନ୍‌ର ମାତ୍ରା, ଗୁଣବତା ପରୀକ୍ଷା କରାଯାଉଛେ ବଲି ପ୍ରେସ୍ ଇସ୍ତାହାର୍‌ଥି କୁହାଯାଇଛେ ।

ଓଡ଼ିଶା- ଜଙ୍ଗଲ୍ ନିଆଁ  ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଅଲ୍‌ଗା ରାଜ୍ୟମାନ୍‌କର୍‌ନୁ ଓଡ଼ିଶାର୍ ବନାଗ୍ନି ପରିମାଣ୍ ଆଏତେ ରହିଛେ । ଇ ବଛର୍ ଜାନୁଆରୀ ୧ ତାରିଖ୍‌ନୁ ଗଲାକାଏଲ୍‌ତକ୍ ରାଜ୍ୟର୍ ଶହେ ୨୨ ଟା ବନାଗ୍ନିକେ ମିଶେଇକରି ଦେଶେ ୪ ହଜାର୍ ୨ ଶହ ୪୩ ଟା ବଡ଼ ଧରଣ୍‌ର ବନାଗ୍ନି ଚିହ୍ନଟ୍ ହେଇଛେ । ଆନ୍ଧ୍ରପ୍ରଦେଶ୍ ନ ସବୁଠାନୁ ଅଏତ୍‌କା ୫ ଶହ ୪୪ ଟା ବନାଗ୍ନି ଚିହ୍ନଟ୍ ହେଇଛେ । ଗଲାକାଏଲ୍ ଦିନେକେ ଦେଶେ ୨ ଶହ ୬୪ ଟା ଜଙ୍ଗଲ୍ ନ ନିଆଁ ଲାଗିଛେ ବଲି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟଥି କୁହାଯାଇଛେ । ଓଡ଼ିଶାର୍ ମାଲ୍‌କାନ୍‌ଗିରି

ଜିଲ୍ଲାର୍ ଅକୁର ବିଟ୍, ନବରଙ୍ଗପୁର୍ ଜିଲ୍ଲାର୍ ନବରଙ୍ଗ୍‌ପୁର୍ ବିଟ୍, କଲାହାଣ୍ଡି ଜିଲ୍ଲାର୍ ଥୁଆମୁଲ୍ ରାମ୍‌ପୁର୍ ବ୍ଲକ୍ ବିଟ୍, ରାୟଗଡ଼ା ଜିଲ୍ଲାର୍ ଚନ୍ଦ୍ରପୁର୍ ବିଟ୍ ନ ଗଲାକାଏଲ୍ ବଡ଼ ଧରଣ୍‌ର ନିଆଁ ଲାଗିଥିବାର୍ କୁହାଯାଇଛେ । ଜଙ୍ଗଲ୍‌ଥି ନିଆଁ ଲାଗ୍‌ବାର୍‌କେ ରୁକ୍‌ବାର୍ ଲାଗି ଲୋକ୍‌ମାନ୍‌କୁ ଲୋକକଳା ଆଉ ଲୋକନୃତ୍ୟ ଜରିଏ ସଚେତନ୍ କରାଯାଉଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ- ପିସିସିଏଫ୍‌ଙ୍କର୍ କାର୍ଯ୍ୟାଳୟ ନୁ ସୂଚ୍‌ନା ମିଳିଛେ ।

ଗୁଡ୍ ଫ୍ରାଇଡ଼େ ଆର୍‌ଏନ୍‌ୟୁ/

କଟକ୍/ସମ୍ବଲପୁର/ସୋନ୍‌ପୁର

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବଳିଦାନ୍‌କେ ମନେ ରଖ୍‌ବାର୍ ଲାଗି ପୁର୍‌ଥିର୍ ଚାର୍‌ହିଆଡ଼େ ଆଏଜ୍ ଶୁଭ ଶୁକ୍ରବାର୍- ଗୁଡ୍ ଫ୍ରାଇଡ଼େ ପାଲନ୍ କରାଯାଇଛେ । ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଭାଇ ବହେନ୍ ମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧାର୍ମିକ୍ ଚିନ୍ତାଧାରା ଆଉ ପବିତ୍ର ବାର୍ତାକେ ସମାଜ୍‌ଥି ପ୍ରସାରିତ୍ କର୍‌ବାର୍ ଲାଗି ଆଝିର୍ ଦିନେ ଆଗେଇ ଆଏସନ୍ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବାର୍ତା ସମାଜ୍‌ଥି ଲୁକ୍‌କର୍ ଦୁଃଖନୁ ମୁକ୍ତ ଦେବାର୍ ଲାଗି ସମର୍ପିତ ଥିଲା । ଶୁଭ ଶୁକ୍ରବାର୍ ଦିନ ଯୀଶୁ ମାନବ ଜାତିକେ ପାପନୁ ମୁକ୍ତ କର୍‌ବାର୍

ଲାଗି କ୍ରୁଶବିଦ୍ଧ ହେଇଥିଲେ ବଲି ଖ୍ରୀଷ୍ଟଧର୍ମାବଲମ୍ବୀମାନ୍‌କର୍ ବିଶ୍ୱାସ୍ ରହିଛେ । ଆଝିର୍ ଦିନେ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଲୋକ୍‌ମାନେ ବାଇବେଲ୍ ଗ୍ରନ୍ଥ ପାଠ କରିକରି ଚର୍ଚ୍ଚ ମାନ୍‌କେ ଶ୍ରଦ୍ଧାଲୁମାନ୍‌କୁ ଶିକ୍ଷା ଦିଆଯାଏସି ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଡ୍ ଫ୍ରାଇଡେ ଅବ୍‌ସରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବଲିଦାନ୍‌କେ ମନେ ପକେଇଛନ୍ । ସାମାଜିକ୍ ଗଣମାଧମ୍‌ଥି ପୋଷ୍ଟ୍ କରିକରି ଶ୍ରୀ ମୋଦୀ କହିଛନ୍ ଯେ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ମହାନ୍ ବଲିଦାନ୍‌କେ ମାନବ୍ ଜାତି ସବୁବେଲେ ମନେ ରଖ୍‌ବା । ଗୁଡ଼୍ ଫ୍ରାଇଡ଼େ ଅବ୍‌ସରେ ଫିଁ ଲୋକ୍ ପ୍ରଭୁ ଯୀଶୁଙ୍କର୍ ବଲିଦାନ୍‌ନୁ ଶକ୍ତି ସଂଗ୍ରହ କର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀ କାମନା କରିଛନ୍ ।

ରାଜ୍ୟପାଲ୍ ରଘୁବର୍ ଦାସ ଗୁଡ଼୍ ଫ୍ରାଇଡ଼େ ଅବ୍‌ସରେ ତାଁକର୍ ବାର୍ତାଥି କହିଛନ୍ ଯେ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବଲିଦାନ୍ ସ୍ମାରକୀ ବହନ୍ କରୁଛେ ଆଉ ମାନବ ଜାତିକେ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଆଉ କ୍ଷମାର ବାର୍ତା ଦଉଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ତାଁକର୍ ବାର୍ତାଥି କହିଛନ୍ ଯେ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ମହାନ୍ ବଲିଦାନ୍‌କେ ସମସ୍ତେ ମନେ ପକାବାର୍ ସହେତେ ଶାନ୍ତି, ପ୍ରେମ ଆଉ କରୁଣାର ରାସ୍ତାଥି ଯିବାର୍ ଲାଗି ପ୍ରାର୍ଥନା କର୍‌ବାର୍ ଉଚିତ୍ ।

ସମ୍ବଲ୍‌ପୁର୍ ସହର୍ ନ ଗୁଡ୍ ଫ୍ରାଇଡ଼େ ମହାସମାରୋହଥି ପାଲିତ୍ ହେଇଯାଇଛେ । ସମ୍ବଲ୍‌ପୁର୍ ସହରେ ଥିବା ସଦ୍‌ଭାବନା ଗୃହ ନ ଆଏଜ୍ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସମୂହ ପ୍ରାର୍ଥନା କର୍‌ବାର୍ ସହେତେ ବାଇବେଲ୍ ପାଠ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଥିବା ଚର୍ଚ୍ଚ ମାନ୍‌କେ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଲୁକେ୍ ସମୂହ ପ୍ରାର୍ଥନା ଆଉ ବାଇବେଲ୍ ପାଠ କରିଛନ୍ । ଜିଲ୍ଲାର୍ ଉଲୁଣ୍ଡା, ତର୍‌ଭା ଇଲାକା ନ ଚର୍ଚ୍ଚ ମାନ୍‌କେ ସମୂହ ପ୍ରାର୍ଥନା ସଭା ଆୟୋଜନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ତାତି ବଢ଼୍‌ବାର୍‌କେ ଲାଗିଛେ । ଆଏଜ୍ ରାଏଜେ ପହେଲାଥର୍ ଲାଗି ଇ ବଛ୍‌ରର୍ ତାତି ୪୦ ଡିଗ୍ରୀକେ ପୁହୁଁଚିଛେ । ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ବଲାଙ୍ଗିର୍, ଟିଟିଲାଗଡ୍, ବୌଦ୍ଧ, ଭବାନୀପାଟ୍‌ନା ଆର୍ ନୟାଗଡ୍ ନ ଆଏଜ୍ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ଼ କରାଯାଇଛେ ।

ଆଏବା ୪୮ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ସହର୍ ନ ଦିନର୍ ତାପମାତ୍ରା ୨ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ ।